## ଯୁବକଙ୍କଠାରୁ ୪୦ଲକ୍ଷ ଟଙ୍କା ଜବତ ଘଟଣା

# ହିସାବ ମାଗୁଛି ପୁଲିସ ଓ ଆୟକର ବିଭାଗ

**କେସିଙ୍ଗା, ୪।୪(ସମିସ):** ଗତକାଲି ତିରୁପତି ବିଲାସପୁର ଟ୍ରେନ୍‌ରେ ଜଣେ ବଙ୍ଗୀୟ ଯୁବକ ଠାରୁ ୪୦ ଲକ୍ଷ ଟଙ୍କା ଜବତ ଘଟଣାର ଖୋଳତାଡ଼ ଆରମ୍ଭ କରିଛି ରେଳବାଇ ପୁଲିସ ଓ ଆୟକର ବିଭାଗ। ସୂଚନା ଅନୁଯାୟୀ ଅଟକ ବଙ୍ଗୀୟ ଯୁବକ ପ୍ରଭାତ ସାମୁଏଲଙ୍କ ଅନୁଯାୟୀ ଉକ୍ତ ୪୦ ଲକ୍ଷ ଟଙ୍କା କେସିଙ୍ଗାର ଜଣେ ବ୍ୟବସାୟୀ ତାଙ୍କୁ ଦେଇଥିଲେ। ସେ ଟଙ୍କା ଧରି ଛତିଶଗଡ଼ ରାଜଧାନୀ ରାୟପୁରକୁ ଏକ ବିବାହ କାର୍ଯ୍ୟକ୍ରମ ପାଇଁ ନେଉ ଥିବା ପ୍ରକାଶ କରିଥିଲା। ଆଜିକାଲି ଯୁଗରେ ୪୦ ଲକ୍ଷ ଟଙ୍କା ଗୋଟେ ବ୍ୟାଗ୍‌ରେ ଧରି ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯିବା କେତେ ସୁରକ୍ଷିତ ସମସ୍ତଙ୍କୁ ଚକିତ କରିଛି। ତଦନ୍ତ ପାଇଁ କେସିଙ୍ଗାର ଉକ୍ତ ବ୍ୟବସାୟୀଙ୍କୁ ଟିଟଲାଗଡ଼ରୁ ଡାକରା ପଡ଼ିଥିବା ଜଣାପଡ଼ିଛି।ଆଗକୁ ଚଳିତ ମାସ ୨୩ ଓ ୨୯ ତାରିଖରେ ଦୁଇ ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ନିର୍ବାଚନ ଥିବା ବେଳେ ଗୋଟିଏ ବଙ୍ଗୀୟ ଯୁବକ ଠାରୁ ଏତେ ଟଙ୍କା ଜବତ ହେବା 'ଡାଲ ମେ କୁଛ କାଲା ହେ' ଭଳି ଲାଗୁଛି। ସେ ଯାହାବି ହେଉ ରେଳବାଇ ପୁଲିସ ଓ ଆୟକର ବିଭାଗ ନିରପେକ୍ଷ ତଦନ୍ତ ଟଙ୍କାର ହିସାବ ମାଗିଥିବା ଜଣାପଡ଼ିଛି।ତଦନ୍ତ ପରେ ସବୁ ରହସ୍ୟ ପଦାକୁ ଆସିବ ଓ ଟଙ୍କା ସତରେ ବିବାହ ପାଇଁ ଯାଉଥିଲା ନା ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଯାଉଥିଲା ଜଣାପଡ଼ିବ।

# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**କେସିଙ୍ଗା, ୪।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଯୋଲକୋ ଛକ ଏନ୍‌ଏଚ୨୬ରେ ଶନିବାର ଅପରାହ୍ନରେ କେସିଙ୍ଗାରୁ ଉତ୍କେଲା ଯାଉଥିବା ସମୟରେ ଉତ୍କେଲା ଗ୍ରାମର ଶିବା ନାଏକ(୨୫)ଯୋଲକୋ ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍ ସହ ୧୫ ଫୁଟ ତଳକୁ ଖସି ଯାଇଥିଲେ।ଦୁର୍ଘଟଣାରେ ତାଙ୍କ ଗୋଟିଏ ହାତ ଓ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ମେଡିକାଲକୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ମ.ରାମପୁରରେ ଇଷ୍ଟର କାଣ୍ଟାଟା କାର୍ଯ୍ୟକ୍ରମ

**ମ. ରାମପୁର, ୪।୪(ସମିସ):** ଇମ୍ମାନୁଏଲ ଚର୍ଚ୍ଚ ମ.ରାମପୁର ପକ୍ଷରୁ ଅବସରରେ ଆମ୍ବେଦକର ଛକ ସମ୍ମୁଖରେ ଥିବା ଖୋଲା ପଡ଼ିଆରେ ଇଷ୍ଟର କାଣ୍ଟାଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟାରେ ଆଚାର୍ଯ୍ୟ ପ୍ରଭାତ ନନ୍ଦଙ୍କ ପ୍ରାର୍ଥନା ସହ ଆରମ୍ଭ ହୋଇଥିଲା। ପରେ ସ୍ୱାଗତ ସଙ୍ଗୀତ, ଉପାସନା ଓ ଧାର୍ମିକ ସନ୍ଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ସେହିପରି ବିଜେପି ଜିଲ୍ଲା ଉପାଧ୍ୟକ୍ଷ ପଦ୍ମଲୋଚନ ମିଶ୍ର, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ସାହୁ, ଚିତ୍ତରଞ୍ଜନ ବାଗ, ରୁଦ୍ର ପ୍ରତାପ ସିଂହ-ବ୍ଲକ ଅଧ୍ୟକ୍ଷ, କଂଗ୍ରେସ, ବୃନ୍ଦାବନ ନାଗ-ଜିଲ୍ଲା ଅଧ୍ୟକ୍ଷ, ଦୟାଦାନ ନାଗ ଓ ପ୍ରେମସାଗର ନାଏକ, ସମାଜସେବୀ ଏବଂ ସାମ୍ବାଦିକ ଅଭିରାମ ନନ୍ଦ, ମଙ୍ଗଳଦାନ ସାହୁ, ଏସୋ ନନ୍ଦ, ଆଚାର୍ଯ୍ୟ ଏନ୍. ଆନନ୍ଦ ପ୍ରମୁଖଙ୍କ ସହ ବହୁ ଗଣ୍ୟମାନ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।ସ୍ଥାନୀୟ ଚର୍ଚ୍ଚ ସମ୍ପାଦକ ଅଭିନାଶ ନାଏକ ଓ ଚର୍ଚ୍ଚ କୋଷାଧ୍ୟକ୍ଷ କୌତୁକ ନାଗ ମଞ୍ଚ ପରିଚାଳନା କରିଥିଲେ। ଇଷ୍ଟର କାଣ୍ଟାଟା ନାଟକ, ଯେଉଁଥିରେ ଯୀଶୁ ଖ୍ରୀଷ୍ଟଙ୍କ ବଳିଦାନ ଏବଂ ପୁନରୁତ୍ଥାନକୁ ସୁନ୍ଦର ଭାବରେ ଜୀବନ୍ତ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।

## ■ ଅବକାରୀ ରାଜସ୍ୱ ଟାର୍ଗେଟ ୧୦୧କୋଟି: ଆଦାୟ ୮୭କୋଟି ୮୩ ଲକ୍ଷ

# ନୂଆ ଅବକାରୀ ନୀତି 'ମଦ କୁଟୀର' ଚିନ୍ତା ବଢ଼ାଉଛି

**ଭବାନୀପାଟଣା, ୪।୪(ସମିସ)**

କଳାହାଣ୍ଡି ଜିଲ୍ଲାରେ ଦେଶୀ ଓ ବିଦେଶୀ ମଦର ଚାହିଦା ପ୍ରତିବର୍ଷ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଗତ ବର୍ଷ ସରକାର ୩୩ ପ୍ରତିଶତ ରାଜସ୍ୱ ଆଦାୟ ଟାର୍ଗେଟ ଦେଇଥିଲେ। କଳାହାଣ୍ଡି ଭଳି ଜିଲ୍ଲା ଉପରେ ୧୦୧ କୋଟି ଟଙ୍କାର ରାଜସ୍ୱ ଆଦାୟ ଲଦି ଦେଇଥିବା ସମୟରେ ୨୦୨୫/୨୬ ବର୍ଷରେ ଆଦାୟ ହୋଇଛି ୮୭କୋଟି ୮୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଏବେ ପୁଣି ସରକାରଙ୍କ ନୂଆ ଅବକାରୀ ନୀତି ଦ୍ୱାରା ଜିଲ୍ଲାରେ ମଦ ଭାସିବ। କଳାହାଣ୍ଡି ଜିଲ୍ଲାରେ ଦୁଇଟି ଇକୋ ରିଟ୍ରିଟ ଜାକମ୍ ଓ ରାବନଦର ଥିବାବେଳେ ସଂଖ୍ୟାଧିକ ନଦୀ, ନାଳ, ଝରଣା, ପୋଖରୀ ଓ ଡ୍ୟାମ ରହିଛି। ତେବେ ଏହି ସବୁ ସ୍ଥାନରେ ଅବକାରୀ ନୀତି ପ୍ରକାରେ ମଦ ବିକ୍ରି ହୋଇପାରିବ। 'ମଦ କୁଟୀର' ନାଁ ରେ ଯେ କେହି ଆବେଦନ କରି ମଦ ବିକ୍ରିର ସୁଯୋଗ ପାଇପାରିବେ। ଓଡ଼ିଆ ଅସ୍ମିତାକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ଭାଗବତ ଟୁଙ୍ଗି ପଛେ ଚୁଲିକୁ ଯାଉ କିନ୍ତୁ ମଦ କୁଟୀର ଖୋଲାଯାଇ ମଦ ବିକ୍ରିହେଉ ନୀତିକୁ ଏବେ ଆପଣାଇ ନେଇଛନ୍ତି। ପର୍ଯ୍ୟଟନ ବିଭାଗ ଜରିଆରେ ମଦ କୁଟୀର ପାଇଁ ଆବେଦନ କଲେ ତାହା ବିଚାରକୁ ନିଆଯିବ ବୋଲି ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜିଲ୍ଲାବ୍ୟାପୀ ହାତପାହାନ୍ତରେ ଦେଶୀ ବିଦେଶୀ ମଦ ମିଳୁଥିବା ସମୟରେ ସରକାର ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଆଉଟିକେ ସୁବିଧାଜନକ ବ୍ୟବସ୍ଥା ହାତକୁ ନେଇ ରାଜସ୍ୱ ବୃଦ୍ଧିର ନୂଆ କୌଶଳ ପ୍ରଣୟନ କରିଛନ୍ତି। ଗତ ୨୦୧୯ ଆର୍ଥିକ ବର୍ଷରେ ସରକାରଙ୍କ ଅବକାରୀ ବିଭାଗ କଳାହାଣ୍ଡି ପାଇଁ ୪୨କୋଟି ଟଙ୍କାର ଟାର୍ଗେଟ ଦେଇଥିଲେ। ରାଜସ୍ୱ ଆଦାୟ ହୋଇଥିଲା ୪୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ତା ପରେ ଟାର୍ଗେଟ ବଢୁଛି ଓ ରାଜସ୍ୱ ଆଦାୟ ବି ବଢ଼ି ଚାଲିଛି। ଚଳିତ ଆର୍ଥିକ ବର୍ଷ ପାଇଁ ଟାର୍ଗେଟ ୧୦୧କୋଟି ଥିବା ବେଳେ ଜାନୁଆରୀ ସୁଦ୍ଧା ୮୭କୋଟି ୮୩ଲକ୍ଷରୁ ଊର୍ଦ୍ଧ୍ୱ କୋଟି ଟଙ୍କା ରାଜସ୍ୱ ଆଦାୟ ସାରିଛି। ପ୍ରଶ୍ନ ଉଠୁଛି କଳାହାଣ୍ଡି ଜିଲ୍ଲାରେ ବେଆଇନ ମଦ ଚାଲାଣ ହୋଇ ପଡୋଶୀ ଜିଲ୍ଲାକୁ କଳାହାଣ୍ଡିରୁ ମଦ ଯାଇ ବିକ୍ରି କରାଯାଉଛି ଅଭିଯୋଗ ହେଉଛି। ବୃହତ ମଦ କମ୍ପାନୀମାନେ ଅନେକ ସମୟରେ ସ୍କିମ ଦ୍ୱାରା ବେପାରୀଙ୍କୁ ପ୍ରଲୋଭିତ କରୁଥିବା ନଜିର ରହିଛି। କଳାହାଣ୍ଡି ଜିଲ୍ଲା ଏକ କୃଷିପ୍ରଧାନ ଜିଲ୍ଲା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛି। ମଦର ବହୁଳ ବିକ୍ରି ଦ୍ୱାରା ଟାର୍ଗେଟ ଠାରୁ କେବଳ ରାଜସ୍ୱ ଆଦାୟକୁ ବୃଦ୍ଧି କରୁଛି ତାହା



ନୁହେଁ ହିଂସାକାଣ୍ଡ, ଦୁର୍ଘଟଣା ଓ ଅସାମାଜିକଙ୍କ ସଂଖ୍ୟା ବୃଦ୍ଧି କରିଚାଲିଛି। ଅନ୍ୟପକ୍ଷରେ ପ୍ରକୃତ ତଦାରଖର ଅଭାବ ଲକ୍ଷ୍ୟ କରାଯାଉଛି। ଟାର୍ଗେଟ ପୂରଣ ପାଇଁ ଅବକାରୀ ବିଭାଗ ଯେଉଁ ଚଢ଼ାଉ କରିଛି ତାହା ମଧ୍ୟ ନିଶ୍ଚିତଭାବେ ଆଶ୍ଚର୍ଯ୍ୟଜନକ। ଚଳିତ ବର୍ଷ ପ୍ରାୟ ୯କୋଟି ୬ଲକ୍ଷ ଟଙ୍କାର ବେଆଇନ ମଦପୋଚ ନକଲି ଦେଶୀ ବିଦେଶୀ ମଦ, ଗଞ୍ଜେଇ ଓ ମହୁଲ ଫୁଲ ଜବତ ହୋଇଛି। ତତସହିତ ୧୨୯ଟି ଦୁଇ ଚକିଆ ଯାନ ଏବଂ ୧୭ଟି ଚାରିଚକିଆ ଯାନ ଧରାପଡ଼ିଥିବା କୁହାଯାଇଛି। ଜିଲ୍ଲାରେ ଅନ-ସପ୍ ୨୨ଟି ଥିବା ବେଳେ ଅଫ-ସପ୍ ୩୪ଟି ରହିଛି। ଆସନ୍ତା ମାସରୁ ଅଫସପ୍ ଗୁଡ଼ିକ ଲାଗି ଟେଣ୍ଡର ଡକାଯାଇ ଲଟେରୀ ଉଠାଯିବା କଥା ସୂଚନା ମିଳିଛି। ବର୍ତ୍ତମାନ ମଦ ବିକ୍ରି କରାଯିବା ପରେ ବିଲ ପୈଠ କରାଯିବା କଥା। ତାହା କାଁ ଭାଁ କେଉଁଠି ଦିଆଯାଉଥିବା ବେଳେ କ୍ରୟ କରୁଥିବା ମଦର ବିଲ ଆଦୌ ଦିଆଯାଉନାହିଁ। ମଦର ଏଭଳି ବ୍ୟବହାର ବୃଦ୍ଧି ପାଇଛି ଯେ, ଗଳିକନ୍ଦି, ଚାରିଆଡେ ମଦ୍ୟପଙ୍କ ଭିଡ଼ ଜମୁଥିବା ଦେଖାଯାଇଛି। ବିଦେଶୀ ମଦକୁ ବାଦ ଦେଲେ ଭବାନୀପାଟଣା ସହରରେ ପାନ ଦୋକାନ, ଗଳି ଗଳିରେ ଲୁଚା ଚୋରାରେ ଅସଂଖ୍ୟ ଦେଶୀ ମଦ ବିକ୍ରି କରାଯାଉଛି। ସହରର ପ୍ରତିଟି ରାସ୍ତାରେ କଡରେ ପାଉଚ ମାଧ୍ୟମରେ ମଦ ବିକ୍ରି ହେଉଛି। ଜିଲ୍ଲାର ୧୩ଟି ବ୍ଲକରେ ମଧ୍ୟରେ ଦେଶୀ ମଦ ଭୟଙ୍କର ଭାବେ ବୃଦ୍ଧି ପାଇଛି ଏବଂ ଚୋରାରେ ରନ୍ଧା ମଦ ପ୍ରସ୍ତୁତ କରାଯାଉଛି। ଗତ ବର୍ଷ ଏପ୍ରିଲ ମାସରୁ ବର୍ତ୍ତମାନ ସୁଦ୍ଧା ୩୧୪୬ଟି ଅବକାରୀ ମାମଲା ହୋଇଥିବାବେଳେ ୯୪୩୯୫୦ କେଜି ପୋଚ, ବେଆଇନ ରନ୍ଧା ମଦ ୬୬୬୧୪ ଲିଟର, ବେଆଇନ ସରକାରୀ ଦେଶୀ ମଦ ୧୪୫୧୮ ଲିଟର ଚଢ଼ଉବେଳେ ଜବତ ହୋଇଛି କିନ୍ତୁ ନକଲି ମଦ ବହୁଳ ଭାବେ ଚାଲିଥିବା ସତ୍ତ୍ୱେ ଧରାପଡ଼ିଛି କେବଳ ୩୮୯ ଲିଟର। ଗତ ବର୍ଷ ମୁଖୀଗୁଡ଼ାରେ ନକଲି ମଦର କାରଖାନା ଉପରେ ଚଢ଼ାଉ କରିବା ସମୟରେ ବିପୁଳ ପରିମାଣର ମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ଧରା ପଡ଼ିଥିଲା। କଳାହାଣ୍ଡି ଜିଲ୍ଲା ଗଞ୍ଜେଇ ଚାଲାଣର ଗୋଟିଏ ସୁରକ୍ଷିତ କରିଡର ସାଜିଛି। ଅବକାରୀ ବିଭାଗ ଦ୍ୱାରା ୧୫୬୦ କେଜି ଜବତ ହୋଇଛି। କଳାହାଣ୍ଡି ଜିଲ୍ଲାରେ ନକଲି ମଦ ଏବଂ ଗଳିକନ୍ଦିରେ ଯେଉଁଭଳି ନିର୍ଭୟରେ ମଦ ବିକ୍ରି ଚାଲିଛି ସେଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଦୁର୍ଘଟଣା ହ୍ରାସ ପାଇବା ସହିତ ଅସାମାଜିକତତ୍ତ୍ୱଙ୍କ ଦୌରାତ୍ମ୍ୟ ରୋକାଯାଇପାରିବ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

# ନର୍ଲା ବ୍ଲକ୍ ଅଧ୍ୟକ୍ଷଙ୍କ ସପକ୍ଷରେ ଗ୍ରାମବାସୀ

**କେସିଙ୍ଗା, ୪।୪(ସମିସ):** ନର୍ଲା ବିଧାୟକ ମନୋରମା ମହାନ୍ତିଙ୍କ ସ୍ୱାମୀ ବିଜେଡି ନେତା ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ବିଷୟରେ କିଛିଦିନ ତଳେ ହୋଇଥିବା ଝାମେଲା ଓ କଳାହାଣ୍ଡି ପୁଲିସର ମନମାନିକୁ ବିରୋଧ କରି ବିଧାୟିକା ମନୋରମା ମହାନ୍ତିଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନ୍ତେସିରଗ୍ରାମର ଶହ ଶହ ଗ୍ରାମବାସୀ ଶନିବାର ଦିନ ମୁନା ମହାନ୍ତିଙ୍କ ସପକ୍ଷରେ ବାହାରି ବିଜେପି ସରକାରଙ୍କୁ ସମାଲୋଚନା କରିବା ସହ ପୋଲିସର ମନମାନିକୁ ଘୋର ନିନ୍ଦା କରିଥିଲେ। ଗ୍ରାମର ମହିଳା ପୁରୁଷଙ୍କ ସମେତ ଯୁବକ ସାମିଲ ହୋଇ ନିଜ ବିଧାୟକଙ୍କ ସ୍ୱାମୀଙ୍କ ସପକ୍ଷରେ ନାରାବାଜି ଦେଇଥିଲେ।



# ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ




**ଗୋଲାମୁଣ୍ଡା, ୪।୪(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପଣ୍ଡକୁଲ ଗ୍ରାମରେ ମେହେର (ଭୁଲିଆ) ୟୁଥ୍ କମିଟି ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ମୁଖ୍ୟବକ୍ତା ଭାବେ ଆନନ୍ଦ ମେହେର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମଦନ ପଟେଲ, କାର୍ଯ୍ୟନିର୍ବାହ ଅଧିକାରୀ ବିଶ୍ୱରଞ୍ଜନ ପଣ୍ଡା, ଭିଏଡବ୍ଲୁ ଅଜିତ ସାହୁ, ଭାଗ୍ୟବାନ ବାଗ, ପ୍ରଧାନଶିକ୍ଷକ ଘାସିରାମ ସେନାପତି, ପଣ୍ଡକୁଳ ମେହେର ସମାଜ ସଭାପତି ପ୍ରଦ୍ୟୁମ୍ନ ମେହେର, ରଘୁମଣୀ ମେହେର, ଅଖିଳ ଚନ୍ଦ୍ର ମେହେର, ବିଘ୍ନରାଜ ମେହେର, ଗଜାନନ ମେହେର, ପ୍ରସନ୍ନ ମେହେର ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ସ୍ୱର୍ଗତ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ରେ ଦୀପ ଜଳାଇ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମାଜ ଓ ଓଡ଼ିଆଙ୍କ ପାଇଁ ଯେଉଁ ବଳିଦାନ, ସହାନୁଭୂତି, ତାଙ୍କ ଗୁଣ, ଗରିମା, ଜୀବନୀ ଗାଥା ଉପରେ ଉଦ୍‌ବୋଧନ ଦେଇ ବର୍ତ୍ତମାନର ଯୁବଗୋଷ୍ଠୀଙ୍କୁ ଉତ୍ସାହ କରିଥିଲେ। ବୁଣାକାର ଏବଂ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମିତ ପାଇଁ ଗଛ ଟିଏ ଲଗାଇବା ପାଇଁ ଅଭିଯାନ କରି ଭୁଲିଆ ସମାଜର ପକ୍ଷରୁ ଚାରାରୋପଣ କରିବା ସହ ଗଛ ବଞ୍ଚାଇବା ପାଇଁ ଶପଥ ଗ୍ରହଣ କରିଥିଲେ। ଦୁଷ୍ମନ୍ତ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଦ୍ୟୁମ୍ନ ମେହେର ସଭା ସାଙ୍ଗ କରିଥିଲେ ଏବଂ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

# କିଶୋର-କିଶୋରୀଙ୍କ କ୍ଷେତ୍ର ପରିଦର୍ଶନ




**ନୂଆପଡ଼ା, ୪।୪(ସମିସ):** ନୂଆପଡ଼ା ଜିଲ୍ଲାରେ ମହିଳା ସଶକ୍ତିକରଣ ଓ କିଶୋର-କିଶୋରୀମାନଙ୍କ ସମଗ୍ର ବିକାଶକୁ ଲକ୍ଷ୍ୟ କରି 'ଅଦ୍ୱିକା' ଯୋଜନା ଅନ୍ତର୍ଗତ ଜିଲ୍ଲାସ୍ତରୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଜିଲ୍ଲା ମହିଳା ସଶକ୍ତୀକରଣକେନ୍ଦ୍ର ନୂଆପଡ଼ା ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କିଶୋର ଓ କିଶୋରୀମାନେ ଅଂଶଗ୍ରହଣ କରିଥିଲେ। ଭ୍ରମଣ ମାଧ୍ୟମରେ ସେମାନଙ୍କୁ ବିଭିନ୍ନ ସରକାରୀ ସଂସ୍ଥାର କାର୍ଯ୍ୟପ୍ରଣାଳୀ, ସେବା ପ୍ରଦାନ ପ୍ରଣାଳୀ ଓ ପ୍ରଶାସନିକ ବ୍ୟବସ୍ଥା ବିଷୟରେ ପ୍ରାୟୋଗିକ ଅନୁଭବ ଦିଆଯାଇଥିଲା। କାର୍ଯ୍ୟକ୍ରମର ଅଂଶ ଭାବେ କିଶୋର-କିଶୋରୀମାନେ ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ. ଗୀତାଙ୍କ ସହ ଭେଟି ଆଲୋଚନା କରିଥିଲେ।ଜିଲ୍ଲାପାଳ ଶିକ୍ଷାର ଗୁରୁତ୍ୱ, ଲକ୍ଷ୍ୟପ୍ରତି ସଙ୍କଳ୍ପ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ପ୍ରେରଣାଦାୟକ ଉପଦେଶ ଦେଇ ସେମାନଙ୍କୁ ଭବିଷ୍ୟତରେ ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ିଉଠିବାକୁ ପ୍ରେରିତ କରିଥିଲେ। ଭ୍ରମଣ ସମୟରେ ସେମାନେ ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ନ୍ୟାୟାଳୟ, ଜିଲ୍ଲା ପୋଲିସ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସରକାରୀ ପଲିଟେକ୍ନିକ୍ ଓ ଜିଲ୍ଲା ପୋଷ୍ଟ ଅଫିସ୍ ପରିଦର୍ଶନ କରିଥିଲେ। ପ୍ରତ୍ୟେକ ସଂସ୍ଥାରେ ସମ୍ପର୍କିତ ଅଧିକାରୀମାନେ ସେମାନଙ୍କୁ ବିଭାଗର କାର୍ଯ୍ୟ, ଦାୟିତ୍ୱ ଓ ଲୋକସେବା ବିଷୟରେ ତଥ୍ୟ ଦେଇଥିଲେ। ଜିଲ୍ଲା ନ୍ୟାୟାଳୟରେ ନ୍ୟାୟ ପ୍ରଣାଳୀ ଓ ଆଇନ ଶୃଙ୍ଖଳା ବିଷୟରେ ଅବଗତ କରାଯାଇଥିବା ବେଳେ, ପୁଲିସ୍ କାର୍ଯ୍ୟାଳୟରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାରେ ପୁଲିସ ବିଭାଗର ଭୂମିକା ସମ୍ପର୍କରେ ଜଣାଯାଇଥିଲା। ଆରକ୍ଷୀ ଅଧିକ୍ଷକ ଅମୃତ ପାଲ ସିଂହ ଉପସ୍ଥିତ ରହି କିଶୋର-କିଶୋରୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଧୈର୍ଯ୍ୟ ଓ ନିୟମିତ ପ୍ରୟାସର ମାଧ୍ୟମରେ ଜୀବନରେ ସଫଳତା ଅର୍ଜନ କରିବାକୁ ପ୍ରେରିତ କରିଥିଲେ।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଓ ସରକାରୀ ଯୋଜନା ବିଷୟରେ ସଚେତନତା, ପଲିଟେକ୍ନିକ୍‌ରେ ବୃତ୍ତିମୂଳକ ଶିକ୍ଷା ଓ ଦକ୍ଷତା ବିକାଶ ସମ୍ପର୍କିତ ତଥ୍ୟ ଓ ପୋଷ୍ଟ ଅଫିସରେ ଡାକ ଓ ଆର୍ଥିକ ସେବା ବିଷୟରେ ଜଣାଯାଇଥିଲା। କାର୍ଯ୍ୟକ୍ରମର ସମନ୍ୱୟ ଓ ସଫଳ ପରିଚାଳନାରେ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଳା, ଜିଲ୍ଲା ମିଶନ ସଂଯୋଜକ ଆଶିଷ ରଞ୍ଜନ ଖମାରୀଙ୍କ ସହ ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଇପ୍ସିତା ରାଜପୁତ, ରମାକାନ୍ତ ସେଠୀ, ରାକେଶ ନାଗ, ସୁମିତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

## ନୂଆପଡ଼ା ଜିଲ୍ଲାସ୍ତରୀୟ

**ନୂଆପଡ଼ା, ୪।୪(ସମିସ)** ନୂଆପଡ଼ା ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ନେସନାଲ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ନବାଗତ ଶିଶୁମାନଙ୍କୁ ଖଡ଼ିଛୁଆଁ କରାଯାଇ ତାଙ୍କର ଶିକ୍ଷାଜୀବନର ଶୁଭାରମ୍ଭ କରାଯାଇଥିଲା। ଶିଶୁମାନଙ୍କୁ ପାଠ୍ୟପୁସ୍ତକ, ବ୍ୟାଗ ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କ ମଧ୍ୟରେ ବିଭିନ୍ନ କଉତୁକିଆ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାଏକ, ଗୋଷ୍ଠୀ ଶିକ୍ଷାଧିକାରୀ ଗୀତାରାଣୀ ଯୋଷୀ, ଶିକ୍ଷାବିତ ଡ.ଶିବପ୍ରସାଦ ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସଂଯୋଜକ ହେମନ୍ତ କୁମାର ଭୋଇ, ଶୁଭେନ୍ଦୁ କୁମାର ପାଢ଼ୀ, କମଳ କୁମ୍ଭାର, ଯୋଗେନ୍ଦ୍ର ବେହେରା, ଭବତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପତାକା ଦେଖାଇ ସମସ୍ତ ବ୍ଲକ ପାଇଁ ସଚେତନତା ଶିକ୍ଷା ରଥର ଶୁଭାରମ୍ଭ କରିଥିଲେ।

## ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

**ଭବାନୀପାଟଣା:** ଥୁଆପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ଜିଲ୍ଲାପାଳଙ୍କ ଦ୍‌?ାରା ବଣ୍ଟନ କରାଯାଇଥିଲେ। ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସମସ୍ତେ ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ଜିଲ୍ଲାପରିଷଦ ସଭ୍ୟ ଦୟାନିଧି ନାଏକ, ସରପଞ୍ଚ ଦିଗାମ୍ବର ଲୁହା, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ୍. ନାଗେଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଏବିଇଓ ଶ୍ରୀ ମୁଣ୍ଡ ଧନ୍ୟବାଦ ଦେଇଥିଲେ।





## ଧର୍ମଗଡ଼ ବ୍ଲକ୍

**ଧର୍ମଗଡ଼:** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଇଚ୍ଛାପୁର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇଥିଲେ। ବଗାଡ଼ ସରପଞ୍ଚ ବିନୋଦିନୀ ଗୌଡ଼, ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା ଓ ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ନୂତନ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ସ୍ୱାଗତ କରାଯାଇଥିଲା। ଆଜି ଠାରୁ ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମରେ ଆଜି ପ୍ରଥମ ଦିନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେହେରାଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା।ଧର୍ମଗଡ଼ ବିଧାୟକ ଶ୍ରୀ ପଟ୍ଟଯୋଶୀ ଶିଶୁଙ୍କୁ ଶିକ୍ଷଣ କିଟ୍ ବ୍ୟାଗ ପ୍ରଦାନ କରି ଓ ସିଲଟ ଖଡ଼ି ଦ୍ୱାରା ଖଡ଼ି ଛୁଆଁ କରାଯାଇଥିଲା। ଏହି ଅବସରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ଶ୍ରୀ ପଟ୍ଟଯୋଶୀ ଶୁଭାରମ୍ଭ କରିଥିଲେ।ସମଗ୍ର କାର୍ଯ୍ୟକ୍ରମକୁ ଇଚ୍ଛାପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୂର୍ଯ୍ୟ ନାରାୟଣ ଯୋଶୀ ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସିନାପାଲି ବ୍ଲକ୍

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଳନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାତିବନ୍ଧା ନୋଡାଲ ବିଦ୍ୟାଳୟରେ ଚଳିତ ବର୍ଷ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେଶ ନାୟକ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଯୋଷୀ, ଶିକ୍ଷକ ବୈଷ୍ଣବ ମେହେର, ଶିକ୍ଷୟିତ୍ରୀ ମମିତା ପଟ୍ଟଯୋଷୀ, ସୁମିତ୍ରା ମେହେର, ଶିକ୍ଷକ ଉଗ୍ରେସନ ହଂସ ପ୍ରମୁଖ ଫୁଲଚନ୍ଦନ ଦେଇ ଶିଶୁଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ। ଶିଶୁମାନଙ୍କୁ ପୁସ୍ତକ ପେନସିଲ ରବର, ଚକୋଲେଟ ଆଦି ବଣ୍ଟନ କରାଯାଇଥିଲା। ସେହିପରି ହାତୀବନ୍ଧା ନୋଡାଲ ବିଦ୍ୟାଳୟରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟାମାନେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ ମାଝୀ, ଶିକ୍ଷୟିତ୍ରୀ ବିନ୍ଦୁ ବେହେରା, ଶିକ୍ଷକ କିଶୋର ମେହେର, ଶିକ୍ଷୟିତ୍ରୀ ରଞ୍ଜିତା ମେହେର, ରଜନୀ ମେହେର, ବିନିଷା ମେହେର ପ୍ରମୁଖ ଫୁଲଚନ୍ଦନ ଦେଇ ଶିଶୁଙ୍କୁ ସ୍ୱାଗତ କରିଥିଲେ।ପୂର୍ବରୁ ନୂତନ ଭାବରେ ଶିଶୁ ବଟିକାରେ ନାମ ଲେଖାଇବାକୁ ଥିବା ଶିଶୁଙ୍କ ଘରକୁ ଯାଇ ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣ ଦିଆଯାଇଥିଲା।ସେହିପରି ସିନାପାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଲାଞ୍ଜିଗଡ଼ ବ୍ଲକ୍

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦିପ କୁମାର ଘଢେଇ, ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୁଷଣ ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷକ ନନ୍ଦିକିଶୋର ନାଏକ ପ୍ରମୁଖ ଯୋଗ ଦେଇ ଶୂନ୍ୟ ଡ୍ରପଆଉଟ ଉପରେ ଉପସ୍ଥିତ ଅଭିଭାବକ ଓ ପିତାମାତାଙ୍କୁ ପରାମର୍ଶ ଦେଇଥିଲେ।ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳ ଦେବ ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା ପରିଚାଳନା କରିଥିଲେ। ପରେ ନୂତନ ଭାବେ ବାଲ ବାଟିକା ନାମ ଲେଖାଇ ଥିବା ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱନାଥପୁର କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ, ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁଙ୍କ ସମେତ ସମସ୍ତ ସଂଯୋଜକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ପରୀପ୍ରେକ୍ଷୀରେ ବ୍ଲକର ସମସ୍ତ ଗ୍ରାମରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଶିକ୍ଷା ସଚେତନତା ରଥ ବୁଲିଥିଲା।

## ଥୁଆମୂଳରାମପୁର ବ୍ଲକ୍

**ଥୁଆମୂଳରାମପୁର:** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଆର୍‌ସି ହେମନ୍ତ ପଣ୍ଡା ଏବଂ ଏବିଇଓ ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଥୁଆମୂଳ ରାମପୁର ସଦର ମହକୁମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏକତ୍ରିତ ହୋଇ ସଚେତନତା କାର୍ଯ୍ୟକ୍ରମରେ ସମ୍ମିଳିତ ହୋଇଥିଲେ। ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ସଚେତନତା ରଥ ବ୍ଲକର ବିଭିନ୍ନ ପଞ୍ଚାୟତକୁ ପରିଦର୍ଶନ କରୁଛି।କୁମୁଡାବାହାଲସ୍ଥିତ ଗ୍ରାମ ବିକାଶ ଶିକ୍ଷା ନିକେତନରେ ମଧ ଉତ୍ସବ ଉତ୍ସାହର ସହ ଅନୁଷ୍ଠିତ ହୋଇଥିବା ସୂଚନା। ସରପଞ୍ଚ ଗୀତାଞ୍ଜଳୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ, ରାମଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମ.ରାମପୁର ବ୍ଲକ୍

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଡମକର୍ଲାଖୁଣ୍ଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନୂତନ ଶିକ୍ଷାବର୍ଷ ଶୁଭାରମ୍ଭ ଅବସରରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ଶିକ୍ଷକ, ଶିକ୍ଷୟିତ୍ରୀ ସ୍ୱାଗତ କରିଥିଲେ। ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ଯାଜ୍ଞସେନୀ ବାଗ, ମହନ୍ତର ପ୍ରଧାନ, କନକଲତା ଦାସ, ଜଗନ୍ନାଥ ପ୍ରଧାନ, ମମିତା ଶବର, ସୌମ୍ୟ ରଞ୍ଜନ ବାରିକ, ଉପେନ୍ଦ୍ର ସା, ରାଜୀବ ପୁଝାରୀ, ସନ୍ତୋଷିନି ନାଗ, ଶ୍ରୀକାନ୍ତ ପ୍ରଧାନ, ସଲୀନା ଗଡ଼ନାୟକ ନମିତା ସବର ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସଭାପତି ସତ୍ୟବାଦି ପୁଟା ରଞ୍ଜନ ଧରୁଆ, ସନ୍ତୋଷ ବିଭାର ସମସ୍ତ ଅଭିଭାବକ ଯୋଗ ଦେଇଥିଲେ।

